## ଜିଲାପାଳ ଅଫିସ୍ ଶଟ୍‌ଡାଉନ୍

**ବରଗଡ଼ ଅଫିସ୍:** ବରଗଡ଼ ଜିଲାରେ କରୋନା ସଂକ୍ରମଣ ଥମିବାର ନାଁ ନେଉନାହିଁ । ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ଡେପୁଟି କଲେକ୍ଟର କରୋନା ଆକ୍ରାନ୍ତ ହୋଇଥିବା ଶୁକ୍ରବାର ଜଣାପଡ଼ିଛି । ଏହାପରେ ଶୁକ୍ରବାରଠାରୁ ୭୨ଘଣ୍ଟା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶଟ୍‌ଡାଉନ୍ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଗାଈଚରାଳି ଗୁରୁତର

**ରେଢାଖୋଲ,୨୮।୮(ଡି.ଏନ.ଏ.):** ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅଧୀନ ଝିକିଦାଦର ଗାଁରେ ଭାଲୁ ଆକ୍ରମଣରେ ଜଣେ ଗାଈଚରାଳି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଅନାଦି ସାହୁ (୫୦)। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଭିମ୍ସାର ନିଆଯାଇଛି। ତାଙ୍କ ଆଖି, ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ତେବେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନେ ଡିଏଫଓ ପ୍ରଦୀପ୍ତ କୁମାର ସାହୁଙ୍କୁ ଭେଟି ଅନାଦି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସିଏଫ୍ ଦେବୀପ୍ରସାଦ ରାଉତ ଓ ରେଞ୍ଜର ପ୍ରଜ୍ଞାପାରମିତା ଦୀପଙ୍କୁ ଡିଏଫଓ ସାହୁ ରାତିରେ ଝିକିଦାଦର ଗାଁକୁ ପଠାଇ ଅନାଦିଙ୍କ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ସହାୟତା ଦେଇଛନ୍ତି।

### କୋଭିଡ୍ ସମୟରେ ଏନ୍ଇଇଟି, ଜେଇଇ ପରୀକ୍ଷାକୁ ବିରୋଧ

**ରାଉରକେଲା, ୨୮।୮ (ଅଫିସ):** ବର୍ତ୍ତମାନ କୋଭିଡ୍ ସମୟରେ ଏନ୍ଇଇଟି ଓ ଜେଇଇ ପରୀକ୍ଷାକୁ ରାଉରକେଲାରେ ବିରୋଧ କରାଯାଇଛି। ଏ ନେଇ ରାଉରକେଲା ଯୁବ କଂଗ୍ରେସ କମିଟି ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ଉଦିତନଗରସ୍ଥିତ ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଟ୍ରେନ୍, ବସ ଚଳାଚଳ କରୁନାହିଁ। ଏଣୁ ପରୀକ୍ଷାର୍ଥୀ କିଭଳି ପରୀକ୍ଷା କେନ୍ଦ୍ରକୁ ଯିବେ, କେଉଁଠି ରହିବେ, କେଉଁଠି ଖାଇବେ ବୋଲି ପ୍ରଶ୍ନ କରାଯାଇଛି। କୋଭିଡ୍ ସ୍ଥିତିକୁ ପ୍ରଥମେ ନିୟନ୍ତ୍ରଣକୁ ଅଣାଯାଉ। ତା ପରେ ପରୀକ୍ଷା ପାଇଁ ସୁବ୍ୟବସ୍ଥା ଲୋକଲୋଚନକୁ ଅଣାଯାଉ ବୋଲି ଦାବି କରାଯାଇଛି।

### କୋଭିଡ୍ ହସ୍ପିଟାଲ ନୋଡାଲ ଅଧିକାରୀଙ୍କ ବଦଳି ଦାବି

**ସମ୍ବଲପୁର, ୨୮।୮ (ବ୍ୟୁରୋ):** ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ସମ୍ବଲପୁର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀମାନେ ଅନ୍ୟତ୍ର ଚିକିତ୍ସା ହେବାକୁ ଚାହୁଁଛନ୍ତି । କିନ୍ତୁ ଗୁରୁତର ହେଉଥିବା ରୋଗୀଙ୍କୁ ସ୍ଥାନାନ୍ତର କରାଯାଉ ନାହିଁ । ପ୍ରକୃତ ପକ୍ଷେ କୋଭିଡ ହସ୍ପିଟାଲ ପରିଚାଳନାରେ ତ୍ରୁଟି ରହିଛି । ତେଣୁ ହସ୍ପିଟାଲ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ବଦଳି କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାପାଇଁ ଦାବି ହୋଇଛି । ଶୁକ୍ରବାର ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ବଲପୁର ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଇ-ମେଲ୍ ଜରିଆରେ ଜଣାଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ୩ ଗିରଫ

**ଲହୁଣୀପଡା,୨୮।୮(ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅଞ୍ଚଳର ଜଣେ ନବଳିକାଙ୍କୁ ପ୍ରଲୋଭନ ଦେଖାଇ ୨ ଜଣ ଟ୍ରକ୍ ଚାଳକ ସମେତ ୪ ଜଣ ବଳାତ୍କାର କରିଛନ୍ତି। ଏଥିରେ ଜଣେ ନାବାଳକ ମଧ ରହିଛନ୍ତି। ନାବାଳିକା ଜଣକୁ ଏମାନେ କୁତ୍ରା ଅଞ୍ଚଳରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ମହାରାଜା ମୁଣ୍ଡା (୩୦), ସକାରି ମୁଣ୍ଡା ୩୦) ଓ କେ. ବଲାଙ୍ଗ ଥାନା ଅଧୀନ କମାରପୋଷ ଗ୍ରାମର ସରୋଜ କୁମାର ଟପ୍ପୋ (୨୧)। ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ନାବାଳକଙ୍କୁ ରାଉରକେଲା ବାଳ ସ୍ୱଧାର ଗୃହକୁ ପଠାଯାଇଛି। ନାବାଳିକାଙ୍କ ସହ ୪ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି ।

### ଖବରଦାତାଙ୍କୁ ଆକ୍ରମଣର ନିନ୍ଦା

**ରେଢାଖୋଲ,୨୮।୮(ଡି.ଏନ.ଏ.):** ସମ୍ବଲପୁର ଜିଲା ପ୍ରେସ୍ କ୍ଲବର ସଦସ୍ୟ ତଥା ଖବରଦାତା ଦେବେନ ପଟେଲଙ୍କୁ ଜମନକିରାରେ ଆକ୍ରମଣ ଘଟଣାକୁ ରେଢାଖୋଲ ଖବରଦାତା ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି।

# ତେଲ, ମହାନଦୀରେ ବନ୍ୟା

**ସୋନପୁର,୨୮।୮(ନି.ପ୍ର.)**



ମୁଣ୍ଡୋଘାଟ ନିକଟସ୍ଥ କୁଲଥି ଯୋର ପୋଲ ଉପରେ ୬ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି ।

- ବାଉରିଯୋର, ଘୁଙ୍ଗିନାଳ ପୋଲ ଉପରେ ପାଣି
- ବୀରମହାରାଜପୁର-ଅମରପାଲି, ବୀରମହାରାଜପୁର-ରେଢାଖୋଲ ଯୋଗାଯୋଗ ବିଚ୍ଛିନ୍ନ
- ମୁଣ୍ଡୋଘାଟ ପଞ୍ଚାୟତର ୩ ଗାଁ ପାଣି ଘେରରେ
- ସୁବର୍ଣ୍ଣପୁର ଜିଲାର ଶତାଧିକ ଏକର ଚାଷଜମି ଜଳମଗ୍ନ

ସୁବର୍ଣ୍ଣପୁର ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଶୁକ୍ରବାର ବର୍ଷା କମିଥିଲେ ମଧ ଉପର ମୁଣ୍ଡରେ ବର୍ଷା ଯୋଗୁ ଜିଲାରେ ପ୍ରବାହିତ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ, ନିବୃତ୍ତି ଯୋର ଓ ଅନ୍ୟ ଛୋଟ ବଡ ଯୋର ସବୁ ଫୁଲିବାରେ ଲାଗିଛି । ହୀରାକୁଦର ୪୦ଟି ଗେଟ୍ ଖୋଲିବା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇଛି । ଆଗକୁ ଜଳସ୍ତର ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି । ମହାନଦୀ କୂଳରେ ଥିବା ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ପଞ୍ଚାୟତର ମୁଣ୍ଡୋଘାଟ, ବିଜେପୁର ଓ ହିକୁଡି ଗାଁ ଏବେ ପାଣି ଘେରରେ ରହିଛି । ନଦୀକୂଳିଆ ଆପଟ ନୂଆଗଡ, ନୂଆପାଲି, ବୁରୋଘାଟ, ଖମ୍ଭେଶ୍ୱରୀପାଲି, ଦେଉଳି, ଫୁଲଚରା, ନୂଆଗଡ ଓ ତେଲଗାଁର ଅଧିବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ମହାନଦୀ ଓ ତେଲନଦୀ ଫୁଲି ରହିବା ଯୋଗୁ ନାଳ ଓ ଯୋରଗୁଡିକର ପାଣି ନିଷ୍କାସନ ହୋଇପାରୁନି । ଏଥିଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇରହିଛି । କେତେକ ସ୍ଥାନରେ କଚ୍ଚାଘରଗୁଡିକ କ୍ଷତିଗ୍ରସ୍ତ ହୋଇଛି। ମୁଣ୍ଡୋଘାଟ ନିକଟରେ ଥିବା କୁଲଥି ଯୋର ଉପରେ ୬ ଫୁଟର ପାଣି ପ୍ରବାହିତ ହେଉଛି। ବରପାଲି-ରାମପୁର ରାସ୍ତାରେ ଥିବା ବାରଙ୍ଗପାଲି ରଞ୍ଜ ନଦୀ ପୋଲ ଉପରେ ପାଣି ଚାଲିଛି । ଫଳରେ ବରଗଡ ଓ ସୋନପୁର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି ବିନିକା ବ୍ଲକ ଚୌକାମାଳ-ବାବୁପାଲି ରାସ୍ତାର ରପ୍‌ଟା ପୋଲ ଉପର ଦେଇ ୪ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି । ବୀରମହାରାଜପୁର-ଅମରପାଲି ମୁଖ୍ୟରାସ୍ତାର ଭୁଡିଆପାଲି ନିକଟସ୍ଥ ଘୁଙ୍ଗିନାଳ ପୋଲ ଉପର ଦେଇ ପାଣି ଚାଲିଛି। ସେହିପରି ଖଣ୍ଡହତା-ମୁର୍ଷୁଣ୍ଡୀ ରାସ୍ତାର ଚୌକାଠାରେ ବାଇଗଣି ଯୋର ପୋଲ ଉପରେ ପାଣି ଚାଲି ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବୀରମହାରାଜପୁର-ରେଢାଖୋଲ ରାସ୍ତାର ବାଉରିଯୋର ପୋଲ ନିକଟରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବୀରମହାରାଜପୁରରୁ ରେଢାଖୋଲ, ବୌଦ୍ଧ ଓ ଆଠମଲ୍ଲିକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ଖଇରମାଳ ନିକଟରେ ୯ଲକ୍ଷ ୫୭ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି। ସେହିପରି ତେଲନଦୀର ପଥରଚଲା ନିକଟରେ ୨ଲକ୍ଷ ୪୧ହଜାର ୩୭୦ଘନଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି । ହୀରାକୁଦରୁ ଛଡା ଯାଇଥିବା ବନ୍ୟା ଜଳ ୧୧୫କିଲୋମିଟର ଦୂର ଖଇରମାଳ ପହଞ୍ଚିବା ପାଇଁ ୧୨ରୁ ୧୮ଘଣ୍ଟା ସମୟ ଲାଗିଥାଏ । ବନ୍ୟା ଜଳ ପହଞ୍ଚିବା ପରେ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇ ତଳିଆ ଅଞ୍ଚଳଗୁଡିକ ଜଳମଗ୍ନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଶୁକ୍ରବାର ସୁବର୍ଣ୍ଣପୁର ଜିଲାରେ ହାରାହାରି ୩୭.୭୦ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବୁଧବାର ୧୬୨.୨୮ମିମି ଓ ଗୁରୁବାର ହାରାହାରି ୬୬.୯୭ମିମି.ବର୍ଷା ହୋଇଥିଲା । ଶୁକ୍ରବାର ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୧୮ମିମି. ବର୍ଷା ହୋଇଛି । ଚଳିତ ମାସ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦୬୬.୩୯ ମିମି. ବର୍ଷା ହୋଇଥିବା ରେକର୍ଡ ହୋଇଛି । ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି । ସ୍ଥାନୀୟ ତହସିଲଦାର ଓ ବିଡିଓମାନଙ୍କୁ ସଜାଗ ହୋଇ ରହିବା ପାଇଁ ପରାମର୍ଶ ଦିଆ ଯାଇଥିବା ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି ।

### ଦନ୍ତା ନଦୀରୁ ମିଳିଲା ଶିଶୁକନ୍ୟାର ମୃତଦେହ

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ବ୍ଲକ ଅନ୍ତର୍ଗତ ସର୍ଲା ନିକଟରେ ବହି ଯାଇଥିବା ଦନ୍ତା ନଦୀର ବନ୍ୟାଜଳରେ ଗୁରୁବାର ଭାସି ଯାଇଥିବା ଶିଶୁକନ୍ୟାର ମୃତଦେହକୁ ଶୁକ୍ରବାର ନଦୀ ମଧ୍ୟରୁ ଉଦ୍ଧାର କରାଯାଇଛି । ନଦୀ କଡରେ ରହିଥିବା ଏକ ବାଉଁଶ ବୁଦାରେ ମୃତଦେହ ଲାଗି ରହିଥିଲା। ଗ୍ରାମବାସୀ ଶୁକ୍ରବାର ନଦୀକୁ ଆସି ଖୋଜାଖୋଜି କରିବା ପରେ ସେଠାରେ ମୃତଦେହ ପାଇଥିଲେ । ଏହାପରେ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଗୁରୁବାର ସର୍ଲା ଆନ୍ଧ୍ରପଡ଼ାର ଡି. ପୋଚ୍ଚିରାଜୁଙ୍କ ଝିଅ ଗିରିଜା ହର୍ଷିନୀ(୪) ଦନ୍ତା ନଦୀକୁ ବନ୍ୟାଜଳ ଦେଖିବାକୁ ଯାଇ ଭାସି ଯାଇଥିଲେ ।

### କାନ୍ଥ ଭୁଶୁଡ଼ି ବୃଦ୍ଧ ମୃତ

**କୋମନା,୨୮।୮(ଡି.ଏନ୍.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ବିଶିବାହାଲ ଗାଁରେ ଲଗାଣ ବର୍ଷା ଯୋଗୁ ମାଟି କାନ୍ଥ ଭୁଶୁଡି ଜଣେ ବୃଦ୍ଧଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି । ମୃତକ ହେଲେ ତ୍ରିନାଥ ଭୋଇ (୬୫)। ସେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏହି ଦୁଃଖଦ ଘଟଣା ଘଟିଥିଲା। ଗାଁ ଲୋକେ ମାଟି ଖୋଳି ତ୍ରିନାଥଙ୍କୁ ଉଦ୍ଧାର କରିଥିଲେ । କୋମନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବୌଦ୍ଧ ତଳିଆ ଅଞ୍ଚଳ ଜଳମଗ୍ନ



ବୌଦ୍ଧ ବାଣିଜ୍ୟକର କାର୍ଯ୍ୟାଳୟ ପାଣି ଘେରରେ ରହିଛି।

**ବୌଦ୍ଧ,୨୮।୮(ସ୍ୱ.ପ୍ର.)**

- ମହାନଦୀ, ସାଲୁଙ୍କି, ତେଲ, ବାଘ ନଦୀରେ ବନ୍ୟା
- ଜଗନ୍ନାଥ ସଡକରେ ଯୋଗାଯୋଗ ବିଚ୍ଛିନ୍ନ
- ସମ୍ଭାବ୍ୟ ବନ୍ୟା ନେଇ ପ୍ରଶାସନର ସର୍ତ୍ତକତା

ଲଘୁଚାପଜନିତ ଲଗାଣ ବର୍ଷା ପରେ ବୌଦ୍ଧରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରେ ଲଗାତାର ବର୍ଷା ଲାଗି ରହିଥିବାରୁ ମହାନଦୀ ସହିତ ତେଲନଦୀ, ବାଘନଦୀ ଓ ସାଲୁଙ୍କି ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୌଦ୍ଧଠାରେ ମହାନଦୀରେ ଜଳସ୍ତର ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଫଳରେ ବୌଦ୍ଧ ସହରର ତଳି ଅଞ୍ଚଳଗୁଡିକରେ ମହାନଦୀ ଜଳ ପ୍ରବେଶ କରିସାରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ,ବାଣିଜ୍ୟକର କାର୍ଯ୍ୟାଳୟ ଆଦି ପାଣି ଘେରରେ ରହିଛି। ଜଗନ୍ନାଥ ସଡକରେ କୃଷ୍ଣମୋହନପୁର ପୋଲ ଉପରେ ପ୍ରାୟ ୮ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏହି ରାସ୍ତାରେ ହରଭଙ୍ଗା ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ହରଭଙ୍ଗା ଓ ବୌଦ୍ଧ ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମିରେ ପାଣି ମାଡିଥିବାରୁ ଧାନ ଫସଲ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ବୌଦ୍ଧ ସହରର ଗାଈଗୋଠ ପଡିଆ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କଡ ବସ୍ତିରେ ମହାନଦୀ ଜଳ ପ୍ରବେଶ କରିଥିବାରୁ ସେଠାରେ ରହୁଥିବା ପରିବାରଙ୍କୁ ଉଚ୍ଚସ୍ଥାନକୁ ଚାଲିଯିବାକୁ କୁହାଯାଇଛି।

ଜିଲା ପ୍ରଶାସନ ପକ୍ଷରୁ ତଳି ଅଞ୍ଚଳରେ ରହୁଥିବା ଲୋକମାନେ ବନ୍ୟାପାଣି ପ୍ରବେଶ ନେଇ ସତର୍କ ରହିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଛି। ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇ ମହାନଦୀରେ ଜଳସ୍ତର ରେକର୍ଡ କରାଯାଉଛି। ମହାନଦୀ ଭିତରକୁ ମାଛମରା ଡଙ୍ଗା ନେଇ ନ ଯିବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି । ଦ୍ୱୀପଗ୍ରାମ ମର୍ଜାକୁଦବାସୀଙ୍କ ପାଇଁ ବୌଦ୍ଧ ଏନଏସି ପକ୍ଷରୁ ମୋଟର ବୋଟର ବ୍ୟବସ୍ଥା କରାଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହିତ ସବୁ ପ୍ରକାର ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

### ଭେଡେନ ନଦୀରୁ ୬ ଯୁବକଙ୍କୁ ଉଦ୍ଧାର କରାଗଲା

**ରେଙ୍ଗାଲି,୨୮।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇ ନିକଟ ଭେଡେନ ନଦୀର ବାଲି ଘାଟରୁ ୬ ଯୁବକଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ଯୁବକମାନେ ହେଲେ ସୁନୀଲ ମେହେର, ବିଜୟ ମହାନ୍ତି, ଶିବାଜୀ ରାୟ, ସୌଦାଗର ସେଟ, ସୁନୀଲ ପଧାନ, ସୁଜିତ ସେଟ। ଗତ ୨ ଦିନ ହେବ ରେଙ୍ଗାଲି ବ୍ଲକ୍‌ରେ ବର୍ଷା ଲାଗି ରହିଛି । ଭେଡେନ ନଦୀ ବାଲି ଘାଟରେ ୬ ଯୁବକ ଫସି ଯାଇଥିଲେ । ଗୁରୁବାର ସକାଳେ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରୁ ଏହି ଯୁବକମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ବୋଟରେ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ ।

### ରେଙ୍ଗାଲି ବ୍ଲକରେ ବ୍ୟାପକ କ୍ଷତି

**ରେଙ୍ଗାଲି,୨୮।୮(ଡି.ଏନ.ଏ.)**

ଲଘୁଚାପଜନିତ ବର୍ଷାରେ ରେଙ୍ଗାଲି ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବହୁ ଘର ଭାଙ୍ଗି ଯାଇଥିବା ବେଳେ ବହୁ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକ ଅଞ୍ଚଳରେ ଥିବା ପ୍ରାୟ ସମସ୍ତ ଛୋଟ ନାଳା, ରଫଟାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ରେଙ୍ଗାଲି ଦେଇ ଯାଇଥିବା ଶଙ୍କରୀ ନାଳାର ଛୋଟ ବ୍ରିଜଟି ବୁଡି ଯାଇଛି। ରେଙ୍ଗାଲି, ଲଇଡା, କତରବଗା, ଲପଙ୍ଗା ଆରଆଇ ସର୍କଲରେ ପ୍ରାୟ ୨୨ଜଣଙ୍କୁ ତାରପୋଲିନ ବଣ୍ଟା ଯାଇଥିବା ତହସିଲଦାର ସୁନୀଲ ମେହେର ପ୍ରକାଶ କରିଛନ୍ତି।

### ଭାସିଯାଇଥିବା ମହିଳାଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡା,୨୮।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ବଡରକ୍ସି ଗ୍ରାମର ଜାନକୀ ସିଂ (୩୭) ରଙ୍ଗୁନ ନାଳରେ ମଙ୍ଗଳବାର ସନ୍ଧ୍ୟାରେ ଭାସି ଯାଇଥିଲେ। ତାଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ଗତ ୩ ଦିନ ହେବ ସୁନ୍ଦରଗଡ଼ ଜିଲାରେ ଲଗାଣ ବର୍ଷା ଲାଗି ରହିଛି। ଲୋକେ ଘରୁ ବାହାରି ପାରୁ ନାହାନ୍ତି। ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ହେଲେ କୌଣସି କାମରେ ଜାନକୀ ଓ ତାଙ୍କ ସ୍ୱାମୀ ଲକ୍ଷ୍ମୀକାନ୍ତ ନିକଟସ୍ଥ ପୁରୁଣାପାଣି ଗ୍ରାମକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ରଙ୍ଗୁନ ନାଳରେ ବନ୍ୟା ଜଳ ମାଡି ଆସିଥିଲା। ଫଳରେ ଉଭୟ ଭାସି ଯାଇଥିଲେ। କୌଣସି ମତେ ଲକ୍ଷ୍ମୀକାନ୍ତ ବର୍ତ୍ତିଯାଇ ଯାଇଥିଲେ। ବହୁ ଖୋଜାଖୋଜି ପରେ ବାଙ୍କରତୋଳା ନାଳରୁ ଗୁରୁବାର ଜାନକୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ତଦନ୍ତ ଜାରି ରହିଛି।

#### ଖୁଣ୍ଟୁଗାଁ-କେନ୍ଦୁଝର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ

ଅନ୍ୟପକ୍ଷେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁ ଷଣ୍ଢ ଛକ ନିକଟ ନାଳ ଉପରେ ଏକ ପୋଲ ନିର୍ମାଣ ହେଉଥିଲା। ଲୋକମାନଙ୍କ ଯାତାୟାତ ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ଏହି ଲଗାଣ ବର୍ଷାରେ ସେହି ଅସ୍ଥାୟୀ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଖୁଣ୍ଟୁଗାଁ ଓ କେନ୍ଦୁଝର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୩ ଦିନ ଲଗାଣ ବର୍ଷା ଯୋଗୁ ବହୁ ମାଟି ଘର ଭାଙ୍ଗି ଯାଇଛି। ବିଭିନ୍ନ ଅଞ୍ଚଳରେ ଏପରି କ୍ଷତିଗ୍ରସ୍ତ ହୋଇଥିବା ୪୭ ପରିବାରକୁ ଗୁରୁବାର ତହସିଲଦାର ଆଲୋକ କୁମାର ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପଲିଥିନ ପ୍ରଦାନ କରାଯାଇଛି।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଅତାବିରା,୨୮।୮(ଡି.ଏନ.ଏ.)**

ଲଗାଣ ବର୍ଷାରେ ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଖବରକାଗଜ ଏଜେଣ୍ଟ ମାନସରଞ୍ଜନ ଦନ୍ତାଙ୍କ କଚାମାଟି ଘର ଭାଙ୍ଗିଯାଇଛି । ଘର ଭାଙ୍ଗିବା ଶବ୍ଦ ଶୁଣି ପରିବାର ଲୋକେ ପଦାକୁ ଚାଲି ଆସିଥିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ମାନସଙ୍କ ପରିବାର କହିଲେ ମାଆ ନିଆଲି ଦନ୍ତା, ସ୍ତ୍ରୀ ସୁଜାତା ଓ ୨ ମାସର ଏକ ଝିଅ ଅଛନ୍ତି । ଘର ଭାଙ୍ଗିଯିବାରୁ ସେମାନେ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ତୁରନ୍ତ ତାଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଦାବି ହେଉଛି । ଏ ବିଷୟରେ ଭେଡେନ ବିଡିଓ ମୁରଲୀଧର ନାୟକ କହିଛନ୍ତି, ତହସିଲଦାରଙ୍କ ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ପ୍ରକଳ୍ପ ଟିମ୍‌କୁ ପ୍ରଶଂସା

## ଖୁସିବ୍ୟକ୍ତ କଲେ ଏମ୍‌ପି,ବିଧାୟକ ଓ ଜିଲାପାଳ

**ସମ୍ବଲପୁର, ୨୮।୮(ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଏକ ପ୍ରକଳ୍ପ ନିର୍ମାଣ ହୋଇଛି। ପାହାଡ଼ରୁ ଝରି ନଷ୍ଟ ହେଉଥିବା ଝରଣା ପାଣିକୁ ବିରାଟ କୁଣ୍ଡ ନିର୍ମାଣ କରି ସଂରକ୍ଷିତ ରଖାଯାଇଛି। ସେହି ପାଣିକୁ ଚାଷ କାମରେ ବ୍ୟବହାର କରାଯାଉଛି। ଓଡ଼ିଶା ପୋଷ୍ଟ ଓ ଧରିତ୍ରୀରେ ଏ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ ପାଇବା ପରେ ଏହି ପ୍ରକଳ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ କି ବାତ୍ ଟୁଇଟର ଆକାଉଣ୍ଟରେ ବୁଧବାର ଉଲ୍ଲେଖ କରିଥିଲେ। ଆତ୍ମନିର୍ଭର ଭାରତ ଯୋଜନାର ଏହା ଏକ ସଫଳ ଉଦାହରଣ। ବାସ୍ତବରେ ଏପରି ପ୍ରକଳ୍ପ ଏକ ସକାରାତ୍ମକ ଚିନ୍ତାଧାରା ବୋଲି ସେ ଲେଖିଥିଲେ। ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍ ପରେ ସମ୍ବଲପୁର ଜିଲାପାଳ ଶୁଭମ ସକ୍‌ସେନା, ସମ୍ବଲପୁର ଜିଲା ପ୍ରଶାସନ ଟୁଇଟର୍ ଆକାଉଣ୍ଟରେ ପ୍ରକାଶିତ ଖବର ପ୍ରଧାନମନ୍ତ୍ରୀଙ୍କ ଉଲ୍ଲେଖ କରିଥିବା ବାର୍ତ୍ତା ସହ ଗୁରୁବାର ଟୁଇଟ୍ କରିଛନ୍ତି। ଯୁଯୁମୁରା ବିଡିଓ ଓ ସମସ୍ତ ଟିମ୍‌କୁ ଏହି ସଫଳତା ପାଇଁ ସେ ପ୍ରଶଂସା କରିଛନ୍ତି। ସେହିପରି ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମଧ ଖୁସିବ୍ୟକ୍ତ କରି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରତିକ୍ରିୟା ରଖିଛନ୍ତି। ନିତେଶ କହିଛନ୍ତି, ଏହା ଅତ୍ୟନ୍ତ ଖୁସିର ବିଷୟ। ସେହିପରି ରୋହିତ କହିଛନ୍ତି, ମୋ ନିର୍ବାଚନମଣ୍ଡଳୀ

#### ଚାଷରେ ଝରଣା ପାଣି ବ୍ୟବହାର ପ୍ରସଙ୍ଗ

ଯୁଯୁମୁରା ବ୍ଲକରେ ଝରଣା ପାଣିକୁ ସଂରକ୍ଷିତ କରି ଜଳସେଚନରେ ବ୍ୟବହାର କରାଯାଉଛି। ପ୍ରଧାନମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ସକାରାତ୍ମକ ଚିନ୍ତାଧାରା ବୋଲି ଏହାକୁ ଉଲ୍ଲେଖ କରିଛନ୍ତି। ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଏହି ପ୍ରକଳ୍ପ ରହିଥିବାରୁ ମୁଁ ଖୁସିବ୍ୟକ୍ତ କରୁଛି। ଏଭଳି ପ୍ରକଳ୍ପ ଅଧିକ ସଂଖ୍ୟାରେ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ବୋଲି ସେ କହିଛନ୍ତି।

# ଟିଖିଲିରେ ପଶିଲା ହୀରାକୁଦ ପଛୁଆ ପାଣି

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୮।୮**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଟିଖିଲି ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିଛି। ମହାନଦୀରେ ବନ୍ୟା ଯୋଗୁ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ଉକ୍ତ ଗ୍ରାମକୁ ପଶିଛି । ଫଳରେ ଉକ୍ତ ଗ୍ରାମଟି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ପଡ଼ିଛି । ଗ୍ରାମର ସ୍କୁଲ ଗୃହ, ଅନେକ ଘରଦ୍ୱାର ଏବଂ ଗାଁ ଦାଣ୍ଡରେ ୪/୫ଫୁଟ୍ ପାଣି ଜମି ରହିଛି। ଜଳସ୍ତର ବଢ଼ି ଚାଲିଥିବାରୁ ଗାଁ ଲୋକଙ୍କୁ ନିଜ ଘରଦ୍ୱାର ଛାଡ଼ିବାକୁ ପଡ଼ିଛି । ସେମାନେ ନିଜ ପିଲାଛୁଆଙ୍କୁ ଧରି ନିକଟସ୍ଥ ଗଣ୍ଡିଆପାଲି ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି । ଅମ୍ବାଭୋନା ବ୍ଲକର ଟିଖିଲି, ଘୁଘୁରାପାଲି, ଅନ୍ତରାଡ଼ି, ବେନିଆପାଲି ଆଦି ଅଞ୍ଚଳରେ ୫୩୦ ହେକ୍ଟର ଧାନ ଫସଲ ଜଳମଗ୍ନ ହୋଇ ପଡ଼ିଛି । ପନିପରିବା ଫସଲ ମଧ୍ୟ ବନ୍ୟାଜଳରେ ଉଜୁଡ଼ି ଯାଇଛି ।

ଅଗ୍ନିଶମ କର୍ମଚାରୀମାନେ ଟିଖିଲି ଗ୍ରାମକୁ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିବା ସହିତ ଉଦ୍ଧାର କାର୍ଯ୍ୟରେ



ବନ୍ୟାଜଳରେ ଟିଖିଲି ଗ୍ରାମ ଜଳମଗ୍ନ ହୋଇ ପଡ଼ିଛି ।

ନିୟୋଜିତ ହୋଇଛନ୍ତି । ଅମ୍ବାଭୋନା ତହସିଲଦାର ସୀତାରାମ ମେହେର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ସେହିପରି ଗ୍ରାମର ଗୃହପାଳିତ ପ୍ରାଣୀ, ଗାଈଗୋରୁ, ଛେଳିମେଣ୍ଢାଙ୍କୁ ଭୁକ୍ତା ମାର୍କେଟ ୟାର୍ଡ଼ରେ ରଖାଯାଇଛି । ଅମ୍ବାଭୋନା ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ସହକାରୀ ଯନ୍ତ୍ରୀ ରଶ୍ମିତା ନାଏକ

#### ଅସ୍ଥାୟୀ କ୍ୟାମ୍ପରେ ରହିଲେ ଗାଁ ଲୋକେ

ପ୍ରମୁଖ ଅସ୍ଥାୟୀ କ୍ୟାମ୍ପରେ ଉପସ୍ଥିତ ରହି ଆଶ୍ରୟ ନେଇଥିବା ଲୋକଙ୍କ ପାଇଁ ଶୁଖା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା କରିଛନ୍ତି । ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହିତାକାଂକ୍ଷୀ ପ୍ରଧାନ ଅସ୍ଥାୟୀ କ୍ୟାମ୍ପ ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ସ୍ୱାସ୍ଥ୍ୟ ସଚେତନତା କରିଛନ୍ତି। ଭୁକ୍ତା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶ୍ରୀକାନ୍ତ ପରିଡ଼ା ଗାଈଗୋରୁଙ୍କ ପାଇଁ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଛନ୍ତି ।

